## ଜାତୀୟ ଶିଶୁ କନ୍ୟା ଦିବସ ଓ ବେଟୀ ବଚାଓ ବେଟୀ ପଢାଓ ସପ୍ତାହ ପାଳନ- ସମ୍ବର୍ଦ୍ଧିତ ହେଲେ ୪ ଜଣ କନ୍ୟାରତ୍ନ ।

ଚଳିତ ମାସ ୨୪ ତାରିଖରୁ ଆରମ୍ଭ ହୋଇଥିବା ଜାତୀୟ ଶିଶୁ କନ୍ୟା ଦିବସ ଓ ବେଟୀ ବଚାଓ ବେଟୀ ପଢାଓ ସପ୍ତାହର ଆଜି ଉଦ୍‌ଯାପନ ଦିବସରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଝିଅମାନେ କୌଣସି ଗୁଣରେ କମ୍ ନୁହଁନ୍ତି , ସେମାନଙ୍କ ମଧ୍ୟରେ ଥିବା ପ୍ରତିଭାକୁ ଉନ୍ମୋଚନ କରିବା ସହ ସେମାନଙ୍କର ଗୁରୁତ୍ୱକୁ ସମସ୍ତେ ଉପଲବ୍ଧି କଲେ ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ । ଏଥିପାଇଁ ପ୍ରତ୍ୟେକ ପରିବାର ନିଜ ଝିଅକୁ ସଶକ୍ତିକରଣ କରି ସେମାନଙ୍କୁ ଅଧିକ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ । ଉତ୍କଳ କରାଟେ ସ୍କୁଲର ଝିଅମାନେ ପୁଅମାନଙ୍କ ଦ୍ୱାରା କମେଣ୍ଟମରାର ଶିକାର ହୋଇ ସେମାନଙ୍କୁ କିପରି ଧୁଲେଇ କଲେ ଏହା ଅନ୍ୟମାନଙ୍କ ପାଇଁ ନିଶ୍ଚିତ ପ୍ରେରଣା ଓ ସାହାସ ଯୋଗାଇବ ବୋଲି ସେ ପ୍ରକାଶ କରିଥିଲେ । ଆଜିର ଦିନରେ ଝିଅମାନେ ପୁଅମାନଙ୍କ ତୁଳନାରେ କୌଣସି ଗୁଣରେ କମ୍ ନୁହଁନ୍ତି । ସେମାନେ ବିଭିନ୍ନ କ୍ଷେତ୍ରରେ ତାଂକର ପାରଦର୍ଶିତା ଦେଖାଇ ପାରୁଛନ୍ତି । ବାପା ମାଆଁଙ୍କର ପୁଅ ପ୍ରତି ଥିବା ମାନସିକତାକୁ ପରିହାର କରି ଝିଅମାନଙ୍କ ଉପରେ ଗୁରୁତ୍ୱ ଦେଲେ ସେମାନଙ୍କର ପ୍ରତିଭା ଓ ଦକ୍ଷତା ପରିପ୍ରକାଶ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଏକ ଶୃଂଖଳିତ ଓ ସୁସ୍ଥ ସମାଜ ଗଠନ ନିମନ୍ତେ ମହିଳାମାନଙ୍କୁ ସବୁ କ୍ଷେତ୍ରରେ ସମାନ ସୁଯୋଗ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । ବଁଅରପାଳର ମନିଷ ସେନାପତି ତାଂକ ପିତା ମାତା ୧୭ ବର୍ଷ ବୟସରେ ଜଣେ ପୁଅ ସହିତ ବିବାହ କରାଇଥିବା ସମୟରେ ସେ ନିଜେ ପୋଲିସ ଡାକି ଏହି ବିବାହକୁ ବନ୍ଦ କରି ନିଜର ସାହସିକତାର ପରିଚୟ ଦେଇଥିବାରୁ ତାଂକୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାଛଡା ନାଲ୍‌କୋର କୁଇନସ୍ ବି ପଟ୍ଟନାୟକ,ଖଲାରୀର ପୂଜା ପରିଡା ଓ ଅନୁଗୋଳ ଟାଉନ୍ ଉଚ୍ଚ ବିଦ୍ୟାଳୟର ପ୍ରତିଭା ବେହେରାଂକୁ ସେମାନଙ୍କର ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ବ୍ଲକ୍ ସ୍ତରରେ ହୋଇଥିବା ଚିତ୍ରାଂକନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଗୋଳ ବାଳିକା ଉଚ୍ଚ ବିଦ୍ୟାଳୟ, ବାଜାରାଉତ ଛାତ୍ରାବାସ ଓ ଆଦୃତା ଶିଶୁ ଗୃହ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସ୍କିଟ୍ ପ୍ଲେ ଓ ଦଳଗତ ନୃତ୍ୟ ପରିବେଷଣ ହୋଇଥିଲା । ସମ୍ମାନିତ ଅତିଥି ଭାବେ କିଶୋରନଗର

ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୃତା ପ୍ରିୟଦର୍ଶିନୀ ଯୋଗ ଦେଇ ନାରୀମାନଂକର ସମାଜରେ ସେମାନଂକର ଭୂମିକା ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ନାରୀ ଚାହେଁ ସମାଜରେ ଏକ ସନ୍ତୁଳନ ରହୁ । ଏଥିପାଇଁ ନାରୀ ସବୁ କ୍ଷେତ୍ରରେ ସମାନ ସୁଯୋଗ ଓ ଶିକ୍ଷା ଦେଲେ ନାରୀ ସଶକ୍ତିକରଣ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଅମରେନ୍ଦ୍ର ନାଥ ମହାନ୍ତି,ଜିଲ୍ଲା ଶିଶୁ ମଂଗଳ କମିଟିର ଅଧ୍ୟକ୍ଷ ଶ୍ରୀ ସଂଜିବ କୁମାର କର, ପୂର୍ବତନ ଅଧ୍ୟକ୍ଷ ଶ୍ରୀ ଦୁଷ୍ମନ୍ତ କୁମାର ଗଡନାୟକ,ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡର ସଦସ୍ୟ ମମତା ପଟ୍ଟନାୟକ, ଆଇ ସି ଡି ଏସର ପୋଗ୍ରାମ ଅଫିସର ପୌର୍ଣ୍ଣମାସୀ ରଥ,ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସଚ୍ଚିଦାନନ୍ଦ ବେହେରା, ସମଗ୍ର ଶିକ୍ଷାର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ ନିରଂଜନ ସାହୁ,ଜିଲ୍ଲା ପଂଚାୟତ ଅଧିକାରୀ ଶ୍ରୀ ଗୁରୁଭା ସିଂହ, ଶିଶୁ ମଂଗଳ କମିଟିର ସଦସ୍ୟ ପଦ୍ମାବତୀ ମିଶ୍ର, ଜୁଭେନାଇଲ ଜଷ୍ଟିସ ବୋର୍ଡର ସଦସ୍ୟ ଶ୍ରୀ ଅନିଲ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀ ଶଂକର ବେହେରା ସମସ୍ତଂକୁ ସ୍ୱାଗତ ଜଣାଇବା ସହ ଏହି ସପ୍ତାହ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରକାଶଥାଉକି, ବେଟୀ ପଢାଓ ବେଟୀ ବଚାଓ କାର୍ଯ୍ୟକ୍ରମ ୨୦୧୮ରୁ ଶୁଭାରମ୍ଭ ହୋଇଛି । ଏଥିରେ କମ୍ ବୟସରେ ବିବାହକୁ ବନ୍ଦ କରାଯିବା ସହ ଶିକ୍ଷା କ୍ଷେତ୍ରରେ ସଫଳତା ପାଇଁ ପ୍ରୋତ୍ସାହିତ କରାଯିବ । ପଂଚମରୁ ଷଷ୍ଠ ଓ ସପ୍ତମରୁ ଦଶମ ଶ୍ରେଣୀରେ ଶତ ପ୍ରତିଶତ ଝିଅମାନେ ଯେଉଁ ସ୍କୁଲରେ ପଢୁଥିବେ ସେ ସ୍କୁଲକୁ ୫ ହଜାର ଲେଖାଏଁ ଅନୁଦାନ ଦିଆଯିବ । ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଉତୀର୍ଣ୍ଣ ଶ୍ରେଷ୍ଠ ୧୦ ଜଣ ଛାତ୍ରୀଂକୁ ୫ ହଜାର ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ । ଏହି ଛାତ୍ରୀମାନଂକ ମଧ୍ୟରୁ ଯେଉଁମାନେ ଉଚ୍ଚ ଶିକ୍ଷା ପାଇଁ ଯିବେ ସେମାନଂକୁ ୧୦ ହଜାର ଟଂକାର ଆର୍ଥିକ ପ୍ରୋତ୍ସାହନ ଦିଆଯିବ ବୋଲି ସେ ସୂଚନା ପ୍ରଦାନ କରିଥିଲେ । ଶେଷରେ ପି ସି ଆଣ୍ଡ ପି ଏନ୍ ଡି ଟି ର ପିଏ ଶ୍ରୀ ପର୍ଶୁରାମ ପଣ୍ଡା ସମସ୍ତଂକୁ ଧନ୍ୟବାଦ ଅର୍ପଣ କରିଥିଲେ ।


ସଂକଳ୍ପ ପତ୍ର
ଜାତୀୟ ଶିଶୁ କନ୍ୟା ଦିବସ ଓ
ବେଟି ବଚାଓ ବେଟି ପଢାଓ ସପ୍ତାହ ପାଳନ-୨୦୨୦
NATIONAL GIRL CHILD DAY & BETI BACHAO BETI PADHAO WEEK- 2020
ORGANIZED BY- DISTRICT CHILD PROTECTION
of Women & Child Development and Mission